

# ଲାଞ୍ଜିଆ ସଉରା













**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)

କମିଶନର ତଥା ଶାସନ ସଚିବ

# ଲାଞ୍ଜିଆ ସଉରା



ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର, ଓଡ଼ିଶା



# ଉପକ୍ରମ




ସଉରାମାନେ ଭାରତବର୍ଷର ଅନ୍ୟତମ ପ୍ରାଚୀନ ଜନଜାତି । ହିନ୍ଦୁ ପୁରାଣ ଶାସ୍ତ୍ରରେ ସଉରାମାନଙ୍କ ସଂପର୍କରେ ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । ସଂସ୍କୃତ ସାହିତ୍ୟ, କାବ୍ୟ, ପୁରାଣ ଓ ଅନ୍ୟାନ୍ୟ ଧର୍ମ ଗ୍ରନ୍ଥରେ ମଧ୍ୟ ସଉରାମାନଙ୍କ ବିଷୟରେ ବହୁ ଆଲୋଚନା କରାଯାଇଛି । ଶବର, ଶୱର, ସଉରା, ସରା ଏହିଭଳି ବିଭିନ୍ନ ନାମରେ ସେମାନଙ୍କୁ ଡକାଯାଏ । ପ୍ରତ୍ନ-ଅଷ୍ଟ୍ରୋଲଏଡ୍ ମାନଙ୍କ ସହିତ ସଉରାମାନଙ୍କର ଜାତି ବା ଗୋଷ୍ଠୀଗତ ସାଦୃଶ୍ୟ ରହିଛି । କେନ୍ଦ୍ରୀୟ ଓ ଦକ୍ଷିଣ ଭାରତରେ ଦେଖାଯାଉଥିବା ଆଦିମ ଜନଜାତି ଗୋଷ୍ଠୀ ମଧ୍ୟରେ ସଉରା ମାନଙ୍କର ପ୍ରାଧାନ୍ୟ ରହିଛି । ସେମାନଙ୍କର କଥିତ ଭାଷା ସରା । ଏହି ସରା ଭାଷା ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ମୁଣ୍ଡାଭାଷା ଗୋଷ୍ଠୀର ବୋଲି ଜଣାଯାଏ । ଝାଡଖଣ୍ଡ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଛତିଶଗଡ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ପ୍ରଭୃତି କେନ୍ଦ୍ରୀୟ ପୂର୍ବ ଭାରତର ଅଧିକାଂଶ ଅଂଚଳରେ ସଉରାମାନେ ବହୁଳ ଭାବରେ ଦେଖାଯାଆନ୍ତି ।

ଓଡ଼ିଶା ମାଟିରେ ବହୁ ପୁରାତନ କାଳରୁ ସଉରା ଏକ ପ୍ରମୁଖ ଜନଜାତି ଗୋଷ୍ଠୀ ହିସାବରେ ପରିଚିତ । ରାଜ୍ୟର ବିଭିନ୍ନ ଅଂଚଳରେ ସଉରାମାନେ ବସବାସ କଲେ ମଧ୍ୟ ଗଜପତି ଜିଲ୍ଲାର ପାହାଡିଆ ଅଂଚଳ ଓ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଉପଖଣ୍ଡ ସଉରା ଅଧ୍ୟୁଷିତ ଅଂଚଳ ହିସାବରେ ଜଣାଶୁଣା ।



୨୦୦୧ ମସିହାର ଜନଗଣନା ଅନୁସାରେ ଓଡ଼ିଶାରେ ସଉରାମାନଙ୍କର ଲୋକସଂଖ୍ୟା ୪ଲକ୍ଷ ୭୩ ହଜାର ୨ ଶହ ୩୩ଜଣ । ଏହା ରାଜ୍ୟର ମୋଟ ଜନଜାତି ସଂଖ୍ୟାର ଶତକଡ଼ା ୫.୮୧ ଭାଗ । ସଂଖ୍ୟାକ୍ରମରେ ରାଜ୍ୟରେ ଦେଖାଯାଉଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ ସଉରା ପଞ୍ଚମ ବୃହତ୍ତମ ଜନଜାତି ଗୋଷ୍ଠୀ ଭାବରେ ପରିଚିତ । ସେମାନଙ୍କର ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧୦୦୭ ମହିଳା । ସେମାନଙ୍କ ସାକ୍ଷରତା ହାର ଶତକଡ଼ା ୪୦.୧୩ ଭାଗ । ସେଥିରୁ ୫୬.୭୪ ଭାଗ ପୁରୁଷ ଓ ୨୫.୭୪ ଭାଗ ମହିଳା । ୧୯୯୧ରୁ ୨୦୦୧ ମଧ୍ୟରେ ସେମାନଙ୍କ ଜନସଂଖ୍ୟା ବୃଦ୍ଧି ଅନୁପାତ ୧୭.୨୮ ।



ସଉରା ଜନଜାତି ମଧ୍ୟରେ ଲାଞ୍ଜିଆ ସଉରା ଅନ୍ୟତମ ଆଦିମ ଜନଜାତି ଗୋଷ୍ଠୀ । ସେମାନଙ୍କର ପୋଷାକ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ପୁରୁଷମାନେ ଲମ୍ୱା ଓ ଅଣଓସାରିଆ କପଡ଼ାକୁ ଏମିତି ବାଗରେ ପିନ୍ଧନ୍ତି ଯେପରି ଲାଲ୍ ରଙ୍ଗରେ ସୂଚୀକର୍ମ କରାଯାଇଥିବା ଦୁଇ ପ୍ରାନ୍ତ ଭାଗ ଲାଞ୍ଜଭଳି ଆଗକୁ ଓ ପଛକୁ ଝୁଲି ରୁହେ । ଏହି କାରଣରୁ ପଡ଼ୋଶୀମାନେ ସେମାନଙ୍କୁ ଲାଞ୍ଜିଆ ସଉରା ବୋଲି କୁହନ୍ତି । ସମୟେ ସମୟେ ସେମାନେ କଣ୍ଠିମାଳ ପିନ୍ଧନ୍ତି ।

ଜଣେ ସଉରା ମହିଳାର ପାରଂପରିକ ପରିଧାନ ହେଉଛି ଅଣ୍ଟାରେ ଗୁଡ଼େଇ ପିନ୍ଧାଯାଉଥିବା ତିନିଫୁଟ ଲମ୍ୱ ଓ ଦୁଇଫୁଟ ଚଉଡ଼ାର ଖଣ୍ଡେ ଧୂସର ଓ ନାଲି ଧଡି ଯୁକ୍ତ ମୋଟା କପଡ଼ା । ଏହା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ୱିଥାଏ । ଅଣ୍ଟାପାଖରେ ଶରୀରର ଉପର ଅଂଶକୁ ଆଉଖଣ୍ଡେ କପଡ଼ାରେ ଆବୃତ କରେ । କପଡ଼ାର ଦୁଇ ମୁଣ୍ଡକୁ ଆଗ ପଟରୁ ପଛ ପଟକୁ ନେଇ ପଛପଟେ ଗୋଟିଏ ଗଣ୍ଠି ପକାଯାଏ । ସଉରା ମହିଳାମାନେ ବେଶୀ ଅଳଂକାର ପିନ୍ଧନ୍ତି ନାହିଁ । ବେକରେ ଅଳ୍ପ କଣ୍ଠିଯୁକ୍ତ ମାଳି ଓ ଧାତୁ ନିର୍ମିତ ମାଳି ପିନ୍ଧନ୍ତି । ସେମାନେ କାନର ମାଂସଳ ଓହଳ ଅଂଶ ବା କର୍ଣ୍ଣବଲ୍ଲୀରେ କାଷ୍ଠ ନିର୍ମିତ ଗୋଲାକାର ଅଳଂକାର ପିନ୍ଧିବାକୁ ଭଲ ପାଆନ୍ତି । ପିତ୍ତଳ ନିର୍ମିତ ମଣ୍ଡଳାକାର କର୍ଣ୍ଣକୁଣ୍ଡଳ ମଧ୍ୟ ପିନ୍ଧନ୍ତି । ହାତ ଓ ଗୋଡ଼ର ଆଙ୍ଗୁଠିରେ ଆଲୁମିନିୟମ ମୁଦି ପିନ୍ଧନ୍ତି । ନାକରେ ମଧ୍ୟ ସାନରିଙ୍ଗ୍ ପିନ୍ଧିବାର ଦେଖାଯାଏ । ଗୋଡ଼ରେ ପାଉଁଜି ପିନ୍ଧନ୍ତି । ଏସବୁ ସ୍ଥାନୀୟ ବଜାରରୁ କିଣିଥାନ୍ତି ।



ଗାତୁଙ୍ଗକାପ- ମହିଳାଙ୍କ ପରିଧାନ



ଆର୍‌ସି ଓଲିକାନ- ପୁରୁଷ ପରିଧାନ






ସେମାନଙ୍କର ପାରଂପରିକ ପୋଷାକ ପରିଚ୍ଛଦଅଳଂକାର ଓ ଭାଷା ବ୍ୟତୀତ ଜୀବନଶୈଳୀରେ ଆଉ କେତେକ ନିଜସ୍ୱ ସାଂସ୍କୃତିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

ସେହିସବୁ ହେଲା :-

- ମହିଳାମାନେ କର୍ଣ୍ଣବଲ୍ଲୀ (କାନ ତଳର ମାଂସଳ ଅଂଶ)ରେ କୁଣ୍ଡଳାକୃତି କାଷ୍ଠ ନିର୍ମିତ ଅଳଂକାର ପରିଧାନ କରିବା ଓ କପାଳର ଠିକ୍ ମଝିରେ ଏକ ସ୍ୱତନ୍ତ୍ର ଧରଣର ଚିତା କୁଟାଇବା ।
- ପାହାଡ଼ ଗଡାଣିରେ ଏଠି ସେଠି ଘର ତିଆରି କରିବା ।
- ଗାଁର ପ୍ରବେଶପଥରେ ଗାଁକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମ ଦେବୀଙ୍କ ପ୍ରତିନିଧି ଭାବରେ ଗୋଟିଏ କାଷ୍ଠଖୁମ୍ବ ପୋତିବା ଓ ତାକୁ ପୂଜା କରିବା ।
- ପୋଡୁଚାଷ କରିବା ସହିତ ସ୍ୱକୀୟ ଜ୍ଞାନକୌଶଳ ପ୍ରୟୋଗ କରି ପାହାଡ଼ କାଟି କ୍ରମାବନତ ସମତଳ ଭୂମି ପ୍ରସ୍ତୁତି ତଥା ପଥର ହିଡ଼ ଦେଇ ଚାଷ କରିବା ।
- ସେମାନଙ୍କର ପାରଂପରିକ ଶ୍ରମ ସମବାୟର ସୁପରିଚାଳନା ତଥା ଶ୍ରମବଦଳ ନୀତି ।
- ସ୍ୱତନ୍ତ୍ର ବଂଶ ନଥିଲେ ମଧ୍ୟ କୁଟୁମ୍ବ ଗୋଷ୍ଠୀ ରହିଛି (ଏହା ବିରିଣ୍ଡା ହିସାବରେ ପରିଚିତ)
- ସେମାନଙ୍କର କାନ୍ଥଚିତ୍ର ଇଡିତାଲ ହିସାବରେ ପରିଚିତ ଏହା ଅତି ଆକର୍ଷଣୀୟ ।
- ଗୁଆର ପର୍ବ ପାଳନ ଅବସରରେ ମଇଁଷି ବଳି ଦେଇ ମୃତବ୍ୟକ୍ତିର ସଦ୍‌ଗତି କାମନା ।



Tattooed face & wooden Pegs in Ear Lobes



Neck Ring



Brass Anklets



Rounded Wooden Pegs for Ear Lobes



Khadu-Brass Anklet of Saora



Brass Bangles

# ପ୍ରାକୃତିକ ବାସସ୍ଥଳୀ



ଗଜପତି ଓ ରାୟଗଡ଼ା ଜିଲ୍ଲାର ସଉରା ଜନପଦଲାଞ୍ଜିଆ ସଉରାମାନଙ୍କର ବସତିସ୍ଥଳ । ପୂର୍ବଘାଟ ପର୍ବତମାଳାର ପଶ୍ଚିମ ପଟରେ ଥିବା ଗଡ଼ାଣିଆ ପାହାଡ଼ିଆ ଭୂଖଣ୍ଡର ଘଞ୍ଚ ସବୁଜ ବନାନୀ, ଉପରୁ ଲମ୍ଫ ଦେଉଥିବା ଝରଣା, ମନକୁ ସମ୍ମୋହିତ କଲାପରି ଜଳ ପ୍ରପାତ, ବିଛୁରିତ ଉପତ୍ୟକାର ଅପୂର୍ବ ଶୋଭା, କ୍ରମାବନତ ସମତଳ ଭୂମିରେ ଧାନଚାଷର ତରଙ୍ଗାୟିତ ସବୁଜ ସୌନ୍ଦର୍ଯ୍ୟ ସାଙ୍ଗକୁ ବନସ୍ପତି ଓ ପଶୁ ସଂପଦର ପ୍ରାଚୁର୍ଯ୍ୟ, ସଉରା ଜନପଦର ଶ୍ରେଷ୍ଠ ଆକର୍ଷଣ ଓ ବିଶେଷତ୍ୱ ।



ଲାଞ୍ଜିଆ ସଉରାମାନଙ୍କ ରଙ୍ଗୀନ୍ ପୋଷାକ ପରିଚ୍ଛଦ, ସୁସଜ୍ଜିତ ଆଭୂଷଣ, ମନଲୋଭା ନୃତ୍ୟ ଓ ବାଦ୍ୟର ପରିବେଷଣ, ଏକ ମନୋଜ୍ଞ ଓ ସୁନ୍ଦର ସଂସ୍କୃତିର ପରିବାହକ । ସଉରାମାନେ ସ୍ୱାଧୀନଚେତା । ସେମାନଙ୍କ ଜୀବନ ଓ ଜୀବିକା ଭିତରେ ଆନନ୍ଦବୋଧର ଏକ ସ୍ୱତଃସ୍ଫୂର୍ତ୍ତତା ଦେଖିବାକୁ ମିଳେ । ମନେହୁଏ ପ୍ରକୃତି ସହିତ ସତେ ଯେମିତି ସେମାନେ ସହବନ୍ଧିତ । ସଉରା ଓ ସବୁଜ ପ୍ରକୃତି ଭିତରେ ଚିରନ୍ତନ ଐକ୍ୟ ହିଁ ସେମାନଙ୍କ ସୁଖ ଓ ସମୃଦ୍ଧି ।


# ବସତି





ଲାଞ୍ଜିଆ ସଉରାମାନେ ଗଡ଼ାଣିଆ ସ୍ଥାନରେ ବାସ କରିବାକୁ ଭଲପାଆନ୍ତି । କେବେ କେବେ ସେମାନେ ପାହାଡ଼ି ଇଲାକାର ଅତି ଅଗମ୍ୟ ସ୍ଥାନରେ ନିଜର ବସତି ବସାଇଥାନ୍ତି । ସେମାନେ ଯେତେବେଳେ ନୂତନ ବସତି ବସାଇବାକୁ ଇଚ୍ଛାପ୍ରକାଶ କରନ୍ତି ସେତେବେଳେ ଉଚ୍ଚଭୂମି ତଥା ପାହାଡ଼ ଗଡ଼ାଣିକୁ ବାଛିଥାନ୍ତି । ଏହା ଦ୍ୱାରା ବସତି ଅଂଚଳରେ ପାଣି ଜମେ ନାହିଁ ଓ ନିକଟରେ ପ୍ରାକୃତିକ ଜଳଉତ୍ସର ସୁବିଧା ମିଳେ । ସେମାନେ ସାଧାରଣତଃ ଛୋଟ ଛୋଟ ଗାଁରେ ରୁହନ୍ତି । କେତେକ ସ୍ଥଳେ ଗୋଟିଏ ଗୋଟିଏ ବଡ଼ ଗାଁରେ ଅନେକ ଛୋଟ ପଡ଼ା ରହିଥାଏ । ଉଚ୍ଚ ପାହାଡ଼ରୁ ଝରି ଆସୁଥିବା ଜଳର ସୁପରିଚାଳନାରେ ସେମାନେ ସିଦ୍ଧହସ୍ତ ।


ଲାଞ୍ଜିଆ ସଉରା ଗାଁ ଗୁଡ଼ିକରେ ଘର ଗୁଡ଼ିକ ସ୍ଥାନେ ସ୍ଥାନେ ଏଠି ସେଠି ତ ଆଉ କେଉଁଠି ଧାଡିକିଆ । ଗାଁ ଚାରିପଟେ ଫଳ ବଗିଚା । ପୋଡୁ ଅଂଚଳ ମଧ୍ୟ ସୀମା ନିକଟରେ ଅବସ୍ଥିତ ।









ଏହାସହ ସ୍ମୃତିସ୍ତମ୍ଭ ମଧ୍ୟ ସୀମା ନିକଟରେ ପୋତା ଯାଇଥାଏ । ଗାଁ ସୀମାରେ ଦେବଦେବୀଙ୍କ ରହଣୀସ୍ଥଳ । ଚାରିଆଡ଼ ସଲପ ଓ ଖଜୁରୀ ଗଛରେ ପରିପୂର୍ଣ୍ଣ । ବହୁ ଗାଁରେ ବଡ଼ ବଡ଼ ଗଛ । ଗାଁର ଅଧିବାସୀମାନେ ଗୋଷ୍ଠୀ ଭ୍ରମଣକାରୀ ନୁହନ୍ତି । ସେମାନଙ୍କର ଚଳଣି ସମୃଦ୍ଧ । ପାହାଡ଼ ଓ ଜଙ୍ଗଲର ସନ୍ନିକଟରେ ସଉରା ଜନବସତି ଗଢିଉଠି ଥିଲେ ମଧ୍ୟ ଲମ୍ବ ଓ ଉଚ୍ଚ ପଥର ପାଚେରୀର ଘେର ତିଆରି କରିଥାଏ ଏକ ନିରାପଦବଳୟ । ତା ସାଙ୍ଗକୁ କ୍ରମାବନତ ପାହାଡି ସମତଳ ଭୂମିରେ ପାରଂପରିକ ଚାଷ ପ୍ରଣାଳୀ ମଣିଷର ପ୍ରାଚୀନ ଅଥଚ ଉନ୍ନତ ଜ୍ଞାନକୌଶଳର ପ୍ରଦର୍ଶନ କରେ ।





# ଗୃହନିର୍ମାଣ







ଲାଞ୍ଜିଆ ସଉରା ମାନଙ୍କ ଘରଗୁଡ଼ିକ ପ୍ରାୟ ଏକାପରି । ଉଚ୍ଚ ମୂଳଦୁଆ । ଘରର ଆକୃତି ଆୟତକ୍ଷେତ୍ର । ଘର ଉପର ଛାତ ନୁଆଁଣିଆ । କାଦୁଅ ଓ ପଥର ଯୋଡେଇ ଶକ୍ତ କାନ୍ଥ । ବେଳେବେଳେ କାଠ ଅବା ବାଉଁଶର ସଳଖ ଖୁଣ୍ଟିକୁ ଧାଡି ଧାଡି ପୋତି, ସେଥିରେ ମୋଟା ବହଳିଆ କାଦୁଅ ଲେସି କାନ୍ଥ ଗଢ଼ାଯାଏ । କାନ୍ଥରେ ନାଲିରଙ୍ଗ ଓ ବାରଣ୍ଡାରେ କଳାରଙ୍ଗ ଦିଆଯାଇଥାଏ ।

ସଉରା ମାନଙ୍କ ଘରେ ଗୋଟିଏ ଦ୍ୱାର । କେତେକ ଘରେ ଆଗ ଦ୍ୱାରର ଠିକ୍ ସିଧାରେ ପଛଦ୍ୱାର ରହିଥାଏ । ଘର ଆଗରେ ଉଚ୍ଚ ବାରଣ୍ଡା । ଅଣ ଓସାରିଆ ହେଲେ ବି ବାରଣ୍ଡାର ଉଚ୍ଚତା ଭୂମିଠାରୁ ଅନ୍ୟୁନ ତିନିଫୁଟରୁ ଛଅ ଫୁଟ ମଧ୍ୟରେ ହୋଇଥାଏ । ତଳୁ ଉପରକୁ ଚଢିବା ପାଇଁ ପଥରର ସୋପାନ ଶ୍ରେଣୀ । ଘର ପଛ ପାଖ ବାରଣ୍ଡାରେ ଥାଏ ଘୁଷୁରି ଘର ।














ଘର ଭିତରେ ଥାଏ ଗୋଟିଏ ମଞ୍ଚା । କେତେଗୁଡ଼ିଏ କାଠ ଖୁଣ୍ଟି ଏହି ମଂଚାକୁ ଧରିରଖେ । ସମୁଦାୟ ଘରର ପ୍ରାୟ ତିନିଭାଗରୁ ଭାଗେ ଜାଗାରେ ଏହି ମଞ୍ଚା ତିଆରି କରାଯାଇଥାଏ । ଏଠାରେ ଘରକରଣା ଜିନିଷପତ୍ର ରଖାଯାଏ । ଖାଦ୍ୟଶସ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଘରୋଇ ଆସବାବପତ୍ର, ଲୁଗାପଟା ଏପରିକି ବହୁ ଛୋଟ ଛୋଟ ଜିନିଷ ମଧ୍ୟ ଏଠାରେ ରଖାଯାଏ । ଘରର ଖୋଲା ସ୍ଥାନରେ ଧାନକୁଟାଯାଏ । ସେଠାରେ ମଧ ଖାଇବା ପିଇବା କରାଯାଏ ।

ସଉରାଙ୍କ ଚୁଲିରେ ସବୁବେଳେ ନିଆଁ ଜଳୁଥାଏ । ଏହି ଚୁଲିଟି ଘର ଭିତରେ ଥିବା ମଂଚାତଳେ ରହିଥାଏ । ମଂଚାର ଗୋଟିଏ ମୁଣ୍ଡ ଯେଉଁଠି କାନ୍ଥକୁ ଲାଗିଥାଏ ସେଇଠି ନିଆଁ ପୋଇବା ଉଦ୍ଦେଶ୍ୟରେ ନିଆଁ ଜଳାଇ ରଖାଯାଏ । ସେଠାରେ ଘରର ବାସନକୁସନ ମଧ ରଖାଯାଏ । ଶୀତ ଓ ବର୍ଷା ଦିନ ମାନଙ୍କରେ ଘରର ସମସ୍ତ ସଦସ୍ୟ ସେହି ମଂଚାତଳେ ଶୁଅନ୍ତି । ଗ୍ରୀଷ୍ମଋତୁରେ କେତେକ ଲୋକ ବାରଣ୍ଡାରେ ଶୋଇବାର ଦେଖାଯାଏ ।





ଘର ଛାତରୁ ଟଙ୍ଗା ହୋଇଥାଏ କେତେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ । ସେଗୁଡ଼ିକ ହେଲା ଝୁଡି, ପାନୀୟ ପାତ୍ର, ଲୁଗାପଟା ଗଣ୍ଡିଲି, ଛତା, ବର୍ଚ୍ଛା ବା ଭାଲି, ଧନୁ, ତୀର, ମାଟି ତିଆରି ପାତ୍ର ଇତ୍ୟାଦି । ଘରର ଗୋଟିଏ କଣରେ କୃଷି ଉପକରଣମାନ ରଖାଯାଇଥାଏ । ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କେତେକ ପାତ୍ର (ମାଠିଆ) ଝୁଡି, ଲାଉତୁମ୍ବା ଯେଉଁଥିରେ କି ପୂର୍ବ ପୁରୁଷମାନଙ୍କର ସ୍ୱତନ୍ତ୍ର ଲୁଗାପଟା ଥାଏ ତାହା କାନ୍ଥରେ ଟଂଗା ଯାଇଥାଏ । ବ୍ୟବହାର୍ଯ୍ୟ ସାମଗ୍ରୀ ମଧ କାନ୍ଥରେ ଟଙ୍ଗାଯାଇଥିବାର ଦେଖାଯାଏ । ସେସବୁ ପାତ୍ର ଗୁଡ଼ିକରେ ରାଜା ରାଣୀ, ହାତୀ, ଘୋଡ଼ା, କୁକୁର, ବଂଧୁକଧାରୀ ମଣିଷ ଆଦିଙ୍କର ଚିତ୍ର ଅଙ୍କା ଯାଇଥାଏ । ଘରର ଗୋଟିଏ କଡ଼କୁ ଗାଈ ଗୁହାଳ ଥାଏ ।

# ସାମାଜିକ ସଂଗଠନ



ଲାଞ୍ଜିଆ ସଉରା ପରିବାର ହେଉଛି କ୍ଷୁଦ୍ରତମ ସାମାଜିକ ଏକକ । ପରିବର୍ଦ୍ଧିତ ପରିବାର ସମୂହକୁ (ବିରିନ୍ଦା) କୁହାଯାଏ । ଚାରି ବା ପାଞ୍ଚ ପୁରୁଷର ଲୋକେ ବା ଉତ୍ତରାଧିକାରୀ ଦାୟାଦଗଣଙ୍କର ମିଳିତ ସ୍ୱରୂପରେ ବିରିନ୍ଦା ଗଠିତ ।


ଗୋଟିଏ ବିରିନ୍ଦାରେ ବିବାହ ନିଷିଦ୍ଧ । ବିରିନ୍ଦାର ସଦସ୍ୟମାନଙ୍କୁ ପରସ୍ପର ରକ୍ତ ସଂପର୍କୀୟ ଭାଇ ଭଉଣୀ ବୋଲି ବିଚାର କରାଯାଏ । ସେମାନେ ଗୁଆର, କାର୍ଜା ପର୍ବରେ ଅଂଶଗ୍ରହଣ କରନ୍ତି । ଗୋଷ୍ଠୀର ଜଣେ ସଦସ୍ୟ ମରିଗଲେ ବିରିନ୍ଦା ତାହାର ଶବସତ୍କାର  କର୍ମ ସଂପାଦନ କରେ । ଏପରିକି ପରବର୍ତ୍ତୀ ଗୁଆର ଉତ୍ସବ ମଧ୍ୟ ବିରିନ୍ଦା ଦ୍ୱାରା ସମାହିତ ହୁଏ । ଗୁଆର ଉତ୍ସବ ପରେ ପରଲୋକଗତ ଆତ୍ମା ସଂସ୍କାରିତ ହୋଇ ପୂର୍ବପୁରୁଷ ମାନଙ୍କ ସହ ମିଶିଯାଏ ।



ସବୁଠାରୁ ବଡ଼ ତାତ୍ପର୍ଯ୍ୟ ପୂର୍ଣ୍ଣ କଥା ହେଲା ଲାଞ୍ଜିଆ ସଉରା ଗୋଷ୍ଠୀର ଝିଅଟିଏ ବିବାହ ପରବର୍ତ୍ତୀ କାଳରେ ତା ବାପାଙ୍କର ବଂଶୀୟ ପରିଚୟ ବିରିନ୍ଦାକୁ ମୃତ୍ୟୁ ପର୍ଯ୍ୟନ୍ତ ଛାଡି ନ ଥାଏ । ମୃତ୍ୟୁପରେ ବାପଘର ବଂଶୀୟ ଲୋକେ ମଧ୍ୟ ତା'ର ମୃତ୍ୟୁ ସଂସ୍କାର କରିପାରିବେ । କୌଣସି ଗୋଷ୍ଠୀ ସଦସ୍ୟଙ୍କର  ଗୋଟିଏ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁହୁଏ । ଶବସତ୍କାର ପରେ ସଂଗୃହୀତ ହାଡକୁ ମୃତ ବ୍ୟକ୍ତିର ନିଜ ଜନ୍ମସ୍ଥାନ ବା ନିଜ ଗାଁକୁ ଶେଷ ସଂସ୍କାର କର୍ମ ନିମନ୍ତେ ଅଣାଯାଏ । କେହି ନିର୍ବଂଶ ହୋଇଗଲେ ବା କାହାର କେହି ଉତ୍ତରାଧିକାରୀ ନ ଥିଲେ ସେହି ସଂପତ୍ତିକୁ ବିରିନ୍ଦା ଭୋଗ ଦଖଲ କରେ ।










ଲାଞ୍ଜିଆ ସଉରାମାନଙ୍କ ବିବାହ ସରଳ ଓ ନିରାଡମ୍ବର । ପ୍ରଚଳିତ ବିବାହ ପଦ୍ଧତି ମଧ୍ୟରେ ସ୍ଥିରୀକୃତ ବିବାହ, ଧରିପଳା, ଗୋଡିଖଟା ବିବାହ ଅନ୍ୟତମ । ସାଧାରଣତଃ ପ୍ରସ୍ତାବ ବିବାହକୁ ସମସ୍ତେ ଗ୍ରହଣ କରନ୍ତି । ଜୋରଜବର ଦସ୍ତ କାହାକୁ ଧରିପଳାଇବା ଏକ ବ୍ୟତିକ୍ରମ । ସମାଜ ଏହାକୁ ନାପସନ୍ଦ କରେ ।

ସଉରା ସମାଜରେ ବହୁପତ୍ନୀ ପ୍ରଥା ଏକ ଅତି ସାଧାରଣ କଥା । ସଉରାମାନେ କହନ୍ତି- "ଯେଉଁମାନଙ୍କର ଅଧିକ ଚାଷଜମି ରହିଛି ସେମାନେ ନିଶ୍ଚିତ ଭାବେ ଏକାଧିକ ପତ୍ନୀ ଗ୍ରହଣ କରିବା କଥା । ସଉରା ମହିଳାମାନେ କଠୋର ପରିଶ୍ରମୀ । ପାରିବାରିକ ଆୟ ବୃଦ୍ଧିରେ ସଉରା ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।"


ନିର୍ବାଚିତ ମହିଳାଙ୍କୁ ବିବାହ କରିବା ପୂର୍ବରୁ ଉଭୟ ଅର୍ଥ ଓ ଦ୍ରବ୍ୟକୁ କନ୍ୟାମୂଲା ଭାବରେ ବରପକ୍ଷ କନ୍ୟାପକ୍ଷଙ୍କୁ ପ୍ରଦାନ କରେ । ନିର୍ଦ୍ଧାରିତ ଦିନରେ ବର ପକ୍ଷ ସଦସ୍ୟମାନଙ୍କ ସହିତ କନ୍ୟାଘରକୁ ନିର୍ବନ୍ଧ ପାଇଁ ଯାଏ । ସାଥୀରେ ନଅ ମାଠିଆ ମଦନେବାକୁ ହୁଏ । ସମସ୍ତେ ଭାତ, ମଇଁଷି ମାଂସ ସହ ମଦ୍ୟପାନ କରନ୍ତି । ଏକବର୍ଷ ପରେ କନ୍ୟା ବର ଘରକୁ ଆସେ । ସେଦିନ ନୃତ୍ୟ ଓ ମଦ୍ୟପାନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଏ । ସେହିଦିନ ଠାରୁ ବରକନ୍ୟା ସ୍ୱାମୀ ସ୍ତ୍ରୀ ଭାବରେ ପରିଗଣିତ ହୁଅନ୍ତି ।

ଲାଞ୍ଜିଆ ସଉରା ସମାଜ ଶାଳୀ ବିବାହକୁ ଅନୁମୋଦନ କରେ । ଏତଦ୍ ବ୍ୟତୀତ ଦିଅର ବିଭା; ଛାଡ଼ପତ୍ର ନେବା, ପୁନର୍ବିବାହ କରିବା, ବିଧବା ବିବାହ ଆଦି ପ୍ରଥା ପ୍ରଚଳିତ ଅଛି । ଜଣେ ପୁରୁଷର ସ୍ତ୍ରୀ ମରିଗଲେ ସେ ସ୍ତ୍ରୀର ଭଉଣୀ ଅର୍ଥାତ୍ ତା'ର ଶାଳୀକୁ ବିବାହ କରି ପାରିବ । ସେହିପରି ସ୍ତ୍ରୀର ପୁରୁଷ ମରିଗଲେ ସେହି ସ୍ତ୍ରୀ ତା ସ୍ୱାମୀର ସାନ ଭାଇ ଅର୍ଥାତ୍ ଦିଅରକୁ ବିବାହ କରିପାରିବ ।










ମୁଖ୍ୟତଃ ଲାଞ୍ଜିଆ ସଉରାମାନଙ୍କ ପରିବାର ଏକକ ପିତୃକୈନ୍ଦ୍ରିକ । ବାପା, ମା' ଓ ଅବିବାହିତ ପୁତ୍ର କନ୍ୟାମାନଙ୍କୁ ନେଇ ଏକ ଛୋଟ ପରିବାର । ପରିବାର ଓ ସମାଜରେ ମହିଳା ଓ ପିଲାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ପାରିବାରିକ ଅର୍ଥନୀତିର ମେରୁଦଣ୍ଡ । ଘରକାମ ସହିତ ମହିଳାମାନେ ପିଲାମାନଙ୍କୁ ଲାଳନ ପାଳନ କରନ୍ତି । ସେମାନଙ୍କ ଯତ୍ନ ନେବା ସହିତ ଅନ୍ୟାନ୍ୟ ପାରିବାରିକ କାର୍ଯ୍ୟ, ବ୍ୟବସାୟ ବାଣିଜ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟବଦଳ କାର୍ଯ୍ୟ ମଧ୍ୟ କରିଥାନ୍ତି ।



ଅଳ୍ପବୟସରୁ ପିଲାମାନେ ପିତାମାତାଙ୍କୁ ପ୍ରତି କାମରେ ସାହାଯ୍ୟ କରନ୍ତି । ସେମାନେ ଆତ୍ମନିର୍ଭରଶୀଳ ଓ ସ୍ୱୟଂସଂପୂର୍ଣ୍ଣ ହୁଅନ୍ତି । ପିଲା ଓ ମହିଳା, ଲାଞ୍ଜିଆ ସଉରା ସମାଜରେ ସର୍ଭିଙ୍କର ପ୍ରିୟପାତ୍ର ହୋଇଥାନ୍ତି । ସମସ୍ତେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ ସ୍ୱାଧୀନ ଜୀବନ ବିତେଇବାର ସୁଯୋଗ ଦେଇଥାନ୍ତି । ସେଥିପାଇଁ ଲାଞ୍ଜିଆ ସଉରାମାନେ କହିଥାନ୍ତି - "ପିଲା ନଥାଇ ଜୀବନ ଜୀଇଁବା ଜୀଇଁବା ନୁହେଁ ।"



ସଉରାମାନେ ଶବକୁ ପୋଡି ଦିଅନ୍ତି । ସେମାନେ ବାଜା ବଜାଇ ଶବକୁ ଶ୍ମଶାନକୁ ନିଅନ୍ତି । ଶବ ସତ୍କାରର ପରଦିନ ଶୋକ ସନ୍ତପ୍ତ ପରିବାରର ସଦସ୍ୟମାନେ ଶ୍ମଶାନ ଭୂମିକୁ ଯାଇ ସେଠାରେ ପାଉଁଶ ପରୀକ୍ଷା କରି ମରିବାର କାରଣ ଜାଣନ୍ତି । ସନ୍ଧ୍ୟାରେ ସେଠାରେ ଗୋଟିଏ କୁକୁଡା ମରାଯାଏ । ଶୋକାକୁଳ ସଦସ୍ୟମାନେ ଭାତ ଓ କୁକୁଡ଼ା ମାଂସ ଖାଆନ୍ତି । ଗ୍ରାମବାସୀମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରନ୍ତି ।

ବର୍ଷେ ବା ଦୁଇବର୍ଷ ପରେ ଗୁଆର ପର୍ବ ପାଳିତ ହୁଏ । ଏଥିରେ ସ୍ମାରକ ନିର୍ମିତ ହୁଏ । ମଇଁଷି ବଳି ପଡ଼େ ।

ପ୍ରତି ଦୁଇ ବା ତିନି ବର୍ଷ ବ୍ୟବଧାନରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ମୃତ ଲୋକଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାରଜା ପର୍ବ ଅନୁଷ୍ଠିତ ହୁଏ ।



# ଅର୍ଥନୀତି

ଜମି ଓ ଜଙ୍ଗଲ ଉପରେ ନିର୍ଭରକରି ଲାଞ୍ଜିଆ ସଉରା ସେମାନଙ୍କର ଜୀବନ ଓ ଜୀବିକା ନିର୍ବାହ କରନ୍ତି । ପାରଂପରିକ ଭାବରେ ସେମାନେ ଶିକାରୀ, ଖାଦ୍ୟ ସଂଗ୍ରହକାରୀ ଓ ପୋଡୁଚାଷୀ । ବଂଶାନୁକ୍ରମେ ସେମାନେ ପାହାଡ଼ ଗଡ଼ାଣି ଓ ପାର୍ବତ୍ୟାଞ୍ଚଳରେ ବସବାସ କରିବା ସହିତ ଯାହା ନିହାତି ଆବଶ୍ୟକ ସେତିକିରେ ନିଜକୁ ଚଳାଇ ନେବାର ଅଭ୍ୟାସରେ କ୍ରମଶଃ ଅଭ୍ୟସ୍ତ ହୋଇଯାଇଛନ୍ତି ।




ଆନନ୍ଦ ଓ ଉଲ୍ଲାସ ମିଶ୍ରିତ ଉଗ୍ରତାରେ ସଉରାମାନେ ବୁଦିବୁଦିଆ ଜଙ୍ଗଲ କାଟି ସେଥିରେ ବଗଡ଼ ଚାଷ କରନ୍ତି । ସଉରାମାନଙ୍କର ଜୀବନଧାରା ସହିତ ବଗଡ଼ ଚାଷ ଜଡ଼ିତ । ଦିନକୁ ଦିନ ଜଙ୍ଗଲ ପଦା ହୋଇଯିବା ଫଳରେ ବଗଡ଼ ଚାଷରେ ପୂର୍ବପରି ଆଉ ଲାଭ ରହୁନାହିଁ । "ସାରୋବା" ଚାଷ ଏବେ ଅଧିକ ଆଦୃତି ଲାଭ କରିଛି ।
















ଅଭାବ ମେଣ୍ଟାଇବା ନିମନ୍ତେ ସେମାନେ ଶିକାର କରିବା, ମାଛ ଧରିବା, ମଜୁରୀ ଲାଗିବା ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । "ଶ୍ରମ ସମବାୟ" ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନର ଏକ ବିଶିଷ୍ଟ ବିଭବ । ଶ୍ରମ ସମବାୟ ମାଧ୍ୟମରେ ସମୁଦାୟ ଗୋଷ୍ଠୀ ପରସ୍ପର ଭିତରେ ନିଜ ନିଜ ଆବଶ୍ୟକ ମୁତାବକ ଶ୍ରମଆବଣ୍ଟନ କରି ବଗଡ ଚାଷ, ଗୃହନିର୍ମାଣ, ସାରୋବା (ସୋପାନ ଚାଷ) ଓ ଗୋଷ୍ଠୀ କର୍ମରେ ନିୟୋଜିତ ହୋଇଥାନ୍ତି ।

ଲାଞ୍ଜିଆ ସଉରା ଅଂଚଳରେ ତିନିପ୍ରକାର କୃଷିକ୍ଷେତ୍ର ଦେଖାଯାଏ । ସେଗୁଡିକ ହେଲା- (୧) ସାରୋବା କ୍ରମାବନତ ପାହାଡି ସମତଳ ଭୂମିରେ କରାଯାଉଥିବା ଚାଷ । ଏହି ଚାଷରୁ ଅଧିକ ଫସଲ ଉତ୍ପାଦନ କରିହୁଏ । (୨) ବାସେଙ୍ଗ-ଉଚ୍ଚ ଓ ଶୁଷ୍କ ଜମିଚାଷ । ଏହି ଜମି ସାରୋବା ପରି ଉର୍ବର ନୁହେଁ । ଏଥିରୁ ସାରୋବା ତୁଳନାରେ କମ୍ ଅମଳ ହୁଏ (୩) ବଗଡ଼ : କ୍ରମାବନତ ପାହାଡି ସମତଳ ଭୂମିରେ ସାଧାରଣତଃ ଧାନଚାଷ କରାଯାଏ ଓ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ତୈଳବୀଜ ଚାଷ ବଗଡ଼ ଜମିରେ ହୋଇଥାଏ ।


ପାରଂପରିକ ଭାବରେ ଲାଞ୍ଜିଆ ସଉରାମାନେ ପୋଡୁଚାଷ (ବଗଡ଼ ଚାଷ) କରନ୍ତି । ନିଜ ନିଜର ଦୈନନ୍ଦିନ ଖାଦ୍ୟଭ୍ୟାସ ଅନୁଯାୟୀ ସେମାନେ ବ୍ୟକ୍ତିଗତ ଭାବରେ କିଛିଜମି ଉତ୍ତରାଧିକାର ସୂତ୍ରରେ ହାସଲ କରିଥାଆନ୍ତି । ସେହି ଜମିରେ ଡଙ୍ଗର ଚାଷ କରି ଡାଲିଜାତୀୟ ଫସଲ ଉତ୍ପାଦନ କରନ୍ତି । ଅନୈତିକ ଉପାୟରେ ସଂପତ୍ତି ଜବରଦଖଲକୁ ପ୍ରଶ୍ରୟ ଦିଆଯାଏ ନାହିଁ । ଜମି, ଜଙ୍ଗଲ ଓ ଜଙ୍ଗଲ ସଂପଦସଉରାମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ଜମିକୁ କେନ୍ଦ୍ରକରି ସେମାନଙ୍କର ଜୀବନ ଗତିଶୀଳ ହୁଏ । ସେମାନେ ଜମିକୁ ନେଇ ସୁଖରେ ଜୀବିକା ନିର୍ବାହ କରିବା ସହିତ ଆବଶ୍ୟକ ସ୍ଥଳେ ଅନ୍ୟକୁ ତାହା ହସ୍ତାନ୍ତର କରିଥାନ୍ତି ।

ପ୍ରତି ଗାଁର ଥାଏ ସୁନ୍ଦର ଚୌହଦି ବା ସୀମାରେଖା । ସେଇ ସୀମାରେଖା ଭିତରେ ଥାଏ ପୋଡୁଜମି । ପାହାଡ଼ଗୁଡ଼ିକ ବିରିନ୍ଦାମାନଙ୍କ ମଧ୍ୟରେ ଆବଣ୍ଟିତ ହୋଇଥାଏ । ବିରିନ୍ଦାର ସଦସ୍ୟମାନେ କେବଳ ସେଠାରେ ଚାଷ କରନ୍ତି । କୌଣସି ବାହାର ଲୋକଙ୍କୁ ସେହି ସୁବିଧା ଦିଆଯାଏ ନାହିଁ ।

ଗୋଟିଏ ବଗଡ଼ ଜମିରେ ଲଗାତର ତିନିବର୍ଷ ବିଭିନ୍ନ ଫସଲ ଚାଷ କରାଯାଏ । ପରବର୍ତ୍ତୀ ସମୟରେ ପ୍ରାୟ ୮ରୁ ୧୨ ବର୍ଷ ଯାଏ ଆଉ କୌଣସି ଚାଷ ନ କରି ଜମିକୁ ପଡିଆ ରଖାଯାଏ । ଉର୍ବରତା ବଢି ପୁନର୍ବାର ଚାଷୋପଯୋଗୀ ହୋଇଥାଏ ।

ଜଙ୍ଗଲ ଅବକ୍ଷୟ ଓ ମୃତ୍ତିକା କ୍ଷୟ କ୍ରମଶଃ ସଉରାମାନଙ୍କ ପାରଂପରିକ କୃଷି ପଦ୍ଧତିକୁ ପ୍ରଭାବିତ କରିଛି । ଚାଷକାର୍ଯ୍ୟରେ ଅଧିକ ଅର୍ଥବ୍ୟୟ କରିବାକୁ ପଡୁଛି । ଜନସଂଖ୍ୟା ବୃଦ୍ଧି ତୁଳନାରେ ପ୍ରାଚୀନ କୃଷି ପଦ୍ଧତି ଆଉ ସମୟୋପଯୋଗୀ ସାବ୍ୟସ୍ତ ହୋଇ ପାରୁନାହିଁ । ଫଳରେ ପାରଂପରିକ ପଦ୍ଧତିକୁ ଅନୁସରଣ କଲେ ମଧ୍ୟ ଅଧିକ ଅମଳ ପାଇଁ ବିକଳ୍ପ ପନ୍ଥା ଅବଲମ୍ବନ କରୁଥିବାର ଦେଖାଯାଉଛି ।





## ସୋପାନ ଚାଷ


କ୍ରମାବନତ ପାହାଡ଼ି ସମତଳ ଭୂମିରେ ସୋପାନ କୃଷି କରିବାରେ ଲାଞ୍ଜିଆ ସଉରା ବେଶ୍ ପାରଙ୍ଗମ । ଏହି କ୍ଷେତ୍ରରେ ଜ୍ଞାନ କୌଶଳ ପ୍ରଦର୍ଶନ କରିବାରେ ସେମାନେ ସିଦ୍ଧହସ୍ତ । କୃଷିକ୍ଷେତ୍ରର ଜଳ ପରିଚାଳନା ପଦ୍ଧତି ବେଶ୍ ପ୍ରଶଂସନୀୟ । ପାହାଡ଼ର ପାଦଦେଶ ଠାରୁ ଆରମ୍ଭ କରି, କ୍ରମଶଃ ଉପରକୁ ପାହାଡ଼ ଗଡ଼ାଣି ଦେଇ ଶୀର୍ଷ ପର୍ଯ୍ୟନ୍ତ ଶହ ଶହ ଫୁଟ ଲମ୍ବିଥିବା ଅଂଚଳକୁ ଭାଗ ଭାଗ କରି ଚାଷୋପଯୋଗୀ କରିବା ସହିତ ପାହାଡ଼ୀଝରଣାର ଜଳକୁ ଜମିରେ ବିନିଯୋଗ କରିବାର କୌଶଳ ସଉରାମାନଙ୍କ ମୌଳିକତା । ସେମାନେ ସୋପାନ-କୃଷିର ପ୍ରତିଭାଗକୁ ପଥର ହିଡ଼ ଦେଇ ମଜଭୁତ କରିଥାନ୍ତି । ଏହି ଜମିକୁ ଉତ୍ତରାଧିକାର ସୂତ୍ରରେ ଭୋଗ ଦଖଲ କରାଯାଏ ।



ସଉରା କୃଷିନୀତି 'ସାରବା'କୁ କେନ୍ଦ୍ରକରି ପରିଚାଳିତ ହୁଏ । ପାହାଡ଼ର ଉପର ଅଂଶରେ ଥିବା ଶୁଷ୍କଭୂମିକୁ ସେମାନେ ଜିଆନୁମ୍ କୁହନ୍ତି । ଏଥିରେ ମୁଗ, ବିରି, କୋଳଥ ଆଦି ଚାଷ କରାଯାଏ । ଜଳସେଚନର ସୁବିଧା ଥିବା ପାହାଡ଼ର ନିମ୍ନଭୂମିରେ ଗ୍ରୀଷ୍ମଋତୁରେ ମଧ୍ୟ ଦ୍ୱିତୀୟ ଥର ପାଇଁ ଧାନଚାଷ କରାଯାଏ ।

## ଉଦ୍ୟାନ କୃଷି

ଲାଞ୍ଜିଆ ସଉରାମାନେ ବୃକ୍ଷପ୍ରିୟ । ସେମାନେ ଖଜୁରୀ, ତେନ୍ତୁଳି, ପଣସ, ଆମ୍ବ, ମହୁଲ, ରାମଫଳ, ସୀତାଫଳ ଓ ସଲପ ଆଦି ଗଛର ବିଶେଷ ଯତ୍ନ ନିଅନ୍ତି । ଏସବୁ ଗଛ ସଉରାମାନଙ୍କ ଗାଁରେ ବହୁଳ ପରିମାଣରେ ଦେଖାଯାଏ । ଏହା ବ୍ୟତୀତ ନିଜ ଘରର ପଛପଟ ବଗିଚାରେ ସେମାନେ ଅନେକ ଫଳଗଛ ଲଗାଇଥାନ୍ତି । ବାଡି ବଗିଚାରେ କଖାରୁ, କାକୁଡି, ବିନ୍, ସପୁରୀ, ଧୂଆଁପତ୍ର, ମକା, ଅଦା ଆଦି ଚାଷ କରାଯାଏ । ପାରଂପରିକ କୃଷି ତଥା ପୋଡୁଚାଷରୁ ଆଗରୁ ଯେପରି ଲାଭ ମିଳୁଥିଲା ଏବେ ଆଉ ସେପରି ନାହିଁ । ଏହି କାରଣରୁ ଏକ ନିର୍ଭରଯୋଗ୍ୟ ବିକଳ୍ପ ଭାବରେ ସେମାନେ ଏବେ ଉଦ୍ୟାନକୃଷି କରୁଛନ୍ତି । ଉନ୍ନୟନ ପ୍ରକଳ୍ପଗୁଡ଼ିକ ମଧ୍ୟ ଏ ଦିଗରେ ଆବଶ୍ୟକ ସହାୟତା ଦେଉଛନ୍ତି । ଏହା ବର୍ତ୍ତମାନ ଡଙ୍ଗର ଚାଷର ବିକଳ୍ପ ବ୍ୟବସ୍ଥା ହେବା ସହିତ ଲୋକପ୍ରିୟ ହୋଇପାରିଛି ।



ସଉରାମାନଙ୍କର ଉଦ୍ୟାନକୃଷି ବର୍ତ୍ତମାନ ପ୍ରସାରିତ ହେବାରେ ଲାଗିଛି । ମିଶ୍ରିତ ଫଳଚାଷ ସହିତ ସଂପ୍ରତି ବ୍ୟବସାୟିକ ଦୃଷ୍ଟିକୋଣରୁ ଅର୍ଥକରୀ

ଫସଲ କରି ବେଶ୍ ଲାଭବାନ ହେଉଛନ୍ତି । ଅବ୍ୟବହୃତ ଜମି, ପାହାଡ଼ ଗଡ଼ାଣି ଓ ଡ଼ଙ୍ଗରରେ କାଜୁ ଚାଷ କରାଯାଉଛି । ସ୍ୱଳ୍ପ ଖର୍ଚ୍ଚ ଓ ପରିଚାଳନାରେ ବହୁତ ଲାଭ ମିଳୁଥିବାରୁ ଏହା ବର୍ତ୍ତମାନ ବିଶେଷ ଆଦୃତ ହୋଇଛି । ସେମାନଙ୍କର ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆସିଛି ।



ପ୍ରାକୃତିକ ପରିବେଶ ଓ ଜଙ୍ଗଲ ସଂପଦର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଜନସଂଖ୍ୟା ବୃଦ୍ଧି ପାରଂପରିକ ଭାବରେ ଶିକାର, ପୋଡୁଚାଷ, ପଶୁପାଳନ, ଲଘୁ ଜନଜାତ ଦ୍ରବ୍ୟ ସଂଗ୍ରହ ଆଦିରୁ ସଉରାମାନଙ୍କୁ ଧୀରେ ଧୀରେ ଓହରାଇ ନେଉଛି । ଏହାର ବିକଳ୍ପ ଭାବରେ ସେମାନେ ଏବେ ସାଧାରଣ କୃଷି, ଉଦ୍ୟାନ କୃଷି ଓ ଦିନ ମଜୁରୀକୁ ଜୀବିକା ନିର୍ବାହର ଅନ୍ୟତମ ଉପାୟ ଭାବରେ ବାଛି ନେଇଛନ୍ତି । କାମ ନ ମିଳିବା ସମୟରେ ସେମାନେ ଉଚ୍ଚ ମଜୁରୀରେ କାମ କରିବା ପାଇଁ ମହାରାଷ୍ଟ୍ର, ଆସାମ ଓ ଅରୁଣାଚଳ ପ୍ରଦେଶ ଆଦି ସ୍ଥାନକୁ ଚାଲି ଯାଉଥିବାର ଦେଖିବାକୁ ମିଳୁଛି । ସେଠାରେ ସେମାନେ ବଢ଼େଇ କାମ, ରାଜମିସ୍ତ୍ରୀ କାମ, ପାଣି ପାଇପ୍ କାମ, ଅଟୋଚାଳକ, ଯନ୍ତ୍ରପାତି ଚାଳନା, ରାସ୍ତାଘାଟ ଓ ଗୃହନିର୍ମାଣ ଓ ଚା' ବଗିଚା କାମ ପରି କେତେକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ କାମ କରୁଛନ୍ତି । ଚାଷ ସମୟ ଆରମ୍ଭ ହେବା ପୂର୍ବରୁ ସେମାନେ ଅର୍ଜିତ ଆୟର ସଂଚିତ ଅର୍ଥ ଓ ଆଧୁନିକ ଜ୍ଞାନକୌଶଳ ଆହରଣପୂର୍ବକ ନିଜର ଗାଁମାଟିକୁ ଫେରି ଆସୁଛନ୍ତି ।

**ବିପଣନ :**

ନିଜର ମୌଳିକ ଆବଶ୍ୟକତା ପରିପୂରଣରେ ଲାଞ୍ଜିଆ ସଉରା ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ । ସେମାନେ ଖୁବ୍ କମ୍ ଜିନିଷ ପାଇଁ ବାହାର ଉପରେ ନିର୍ଭର କରନ୍ତି । ବୁଲା ବିକାଳୀ, ସାପ୍ତାହିକ ହାଟ ଅଥବା ପାଖ ସହରରୁ ସେମାନେ ଅତ୍ୟାବଶ୍ୟକ ଜିନିଷପତ୍ର ସହଜରେ ପାଇଯାଆନ୍ତି । ନିଜର ଉତ୍ପାଦିତ ଜିନିଷକୁ ମଧ୍ୟ ସେମାନେ ଏହିପରି ସାପ୍ତାହିକ ହାଟ ଅଥବା ପାଖ ସହରରେ ନେଇ ବିକ୍ରିବଟା ଅଥବା ଅଦଳବଦଳ କରନ୍ତି । ଗୋଟିଏ ବୃହତ୍ତର ସଉରା ଜନବସତି ଅଞ୍ଚଳ ପାଖାପାଖି ବିଭିନ୍ନ ହାଟ ସପ୍ତାହର ବିଭିନ୍ନ ଦିନରେ ବସେ । ସେମାନେ ସାପ୍ତାହିକ ହାଟରୁ ଲୁଣ, ଲଂକା, ଧୂଆଁପତ୍ର, ଶୁଖୁଆ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ଲୁଗାପଟା ଆଦି କିଣନ୍ତି । ହାଟଦିନ ସେମାନଙ୍କ ପାଇଁ ଗୋଟିଏ ଛୁଟିଦିନ । ସେହିଦିନ ସେମାନେ ନିଜର ସାଙ୍ଗସାଥୀ ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ଭେଟିବାର ସୁଯୋଗ ପାଇବା ସହିତ ଏକାଠି ଆନନ୍ଦରେ ସମୟ ବିତେଇ ଦିଅନ୍ତି ।






# ଧର୍ମ ଧାରଣା



ଅନେକ ଜଟିଳ ଧାର୍ମିକ ବିଶ୍ୱାସ, ପ୍ରଥା, ଅଗଣିତ ଦେବଦେବୀ ତଥା ଆତ୍ମାଗଣ ପରିବେଷ୍ଟିତ ସଉରାମାନଙ୍କ ପରି କ୍ୱଚିତ୍ ଜନଜାତି ଦେଖାଯାଆନ୍ତି । ଭୟ ଓ ଶ୍ରଦ୍ଧାରେ ସେମାନେ ପୂଜା କରନ୍ତି । ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରି ଦେବଦେବୀଙ୍କ ପାଖରେ ବଳି ଅର୍ପଣ କରନ୍ତି । ଧର୍ମଦ୍ୱାରା ସଉରାମାନଙ୍କ ଜୀବନ ସଂପୂର୍ଣ୍ଣ ଭାବରେ ଗତିଶୀଳ ହୋଇଥାଏ ।

ବିଭିନ୍ନ କାର୍ଯ୍ୟରେ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ମୁଖ୍ୟ ବୋଲି ବିଚାର କରାଯାଏ । ଅଧିକନ୍ତୁ ଏହି ଦେବଦେବୀମାନଙ୍କ ନିମନ୍ତେ ଏକ ବିବରଣାତ୍ମକ ଇତିହାସ ନାହିଁ । ଧାରାବାହିକ ଭାବରେ ଏହି ତାଲିକା ବଦଳି ଚାଲିଥାଏ । ନୂଆ ଦେବଦେବୀଙ୍କର ନାମ ଏହି ତାଲିକାକୁ ଅନୁପ୍ରବେଶ କଲାବେଳେ ପୁରୁଣା ନାଁଗୁଡ଼ିକ ସେହିପରି ନାମତାଲିକାରୁ କଟି ଯାଇଥାଏ । ନୂଆ ସହିତ ପରିଚୟ ହେଲାପରେ ପୁରୁଣାକୁ ସମସ୍ତେ ଭୁଲିଯାଆନ୍ତି । କେତେକ ଦେବଦେବୀଙ୍କ ଦ୍ୱାରା ଜୀବନର ଅନେକ କ୍ଷେତ୍ର ପ୍ରଭାବିତ ହୋଇଥାଏ । ପ୍ରକୃତି, ସଂରଚନା, କାର୍ଯ୍ୟଧାରା ଓ ଚରିତ୍ରରେ ଜଣକଠାରୁ ଆଉ ଜଣେ ଦେବତା ଭିନ୍ନ ହୋଇଥାନ୍ତି । ସେମାନଙ୍କ ମଧରୁ କେତେକ ଶିଷ୍ଟ ଆଉ କେତେକ ଦୁଷ୍ଟ । ସେହିପରି କେତେକ ଶୁଭଦର୍ଶୀ ଅଥବା ନିରପେକ୍ଷ ହୋଇଥିବାର ଜଣାଯାଏ ।







ଜୀବନ ଉପରେ ଦେବଦେବୀ ଓ ଆତ୍ମାମାନଙ୍କର ଅବିରତ ଓ ଅଟଳ ପ୍ରଭାବ ରହିଥାଏ । ଘରେ କେହି ମରିଗଲେ ସେମାନେ ପୁଣି ସ୍ୱପ୍ନରେ ଆସି ଦେଖାଦେବା ସହିତ କିଛି ଦ୍ରବ୍ୟ ଦାବୀ କରନ୍ତି । ଦୁଷ୍ଟ ଖଳ ପ୍ରକୃତିର ଆତ୍ମା ତା'ର ଅସନ୍ତୋଷକୁ ଜଣାଇ ଦେବା ପାଇଁ ଗାଈଗୁହାଳରେ ପ୍ରବେଶ କରି ଗାଈ ଓ ବଳଦଗୁଡ଼ିକୁ ରୋଗାକ୍ରାନ୍ତ କରିଦିଏ । ଯଦି ଏହାପରେ ସେମାନଙ୍କର ଦାବୀ ପୂରଣ ନ ହୁଏ ତେବେ ସେମାନେ ଘରେ ନାନା ପ୍ରକାର ଉପଦ୍ରବ ଘଟାନ୍ତି । ଏହି କାରଣରୁ ଶିଷ୍ଟ ତୁଳନାରେ ଦୁଷ୍ଟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯାଏ ।




ସଉରା ସମାଜ ଓ ସଂସ୍କୃତି ଏକ ରହସ୍ୟମୟ, ନିଗୂଢ଼ ଓ ଅତୀନ୍ଦ୍ରିୟ ଧର୍ମରାଜ୍ୟ । ଏଠି ମଣିଷ, ପ୍ରକୃତି ଓ ଆତ୍ମାର ଏକ ଜଟିଳ ସହାବସ୍ଥାନ । ମଣିଷ ଓ ପ୍ରକୃତି ମଧ୍ୟରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିମାନଙ୍କର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ସେହି ମଧ୍ୟସ୍ଥିମାନଙ୍କୁ ସମନ କୁହନ୍ତି । ପୁରୁଷ ଓ ମହିଳା ଉଭୟେ ଏହି ମଧ୍ୟସ୍ଥି କାମ କରନ୍ତି । ପୁରୁଷ ସମନକୁ 'କୁଡାନ' ଓ ମହିଳା ସମନକୁ 'କୁଡାନ ବଇ' କୁହାଯାଏ । ସେମାନଙ୍କର ଭବିଷ୍ୟତ କଥା ଜାଣିବାର ଦକ୍ଷତା ଥିବା ସହିତ ଚିକିତ୍ସା ବିଦ୍ୟାରେ ମଧ୍ୟ ପାରଦର୍ଶିତା ଥାଏ । ସେମାନେ ଅଦ୍ଭୁତ ସାଧନା ବଳରେ ଅଦୃଶ୍ୟ ଜଗତ ସହିତ ଯୋଗାଯୋଗ ସ୍ଥାପନ କରିବାରେ ସମର୍ଥ ହୁଅନ୍ତି । ଏହିପରି ବିଦ୍ୟା ପ୍ରୟୋଗରେ ସେମାନେ ରୋଗ ନିରାକରଣ କରିବା ସହିତ ଅନେକ ଅଘଟଣ ଓ ଦୁର୍ଭାଗ୍ୟକୁ ରୋକି ଦେଇ ପାରନ୍ତି । ସବୁଠାରୁ ବଡ଼ କୌତୁହଳର ବିଷୟ ହେଉଛି ପ୍ରତିପକ୍ଷ ପୁରୁଷ ସମନର ଜଣେ ମହିଳା ଆତ୍ମା ସାଥୀ ଥାଏ ଓ ପ୍ରତି ମହିଳା ସମନର ଜଣେ ପୁରୁଷ ଆତ୍ମା ସାଥୀ ଥାଏ । ସେମାନଙ୍କ ମଧ୍ୟରେ ଥାଏ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ।

ଦେବଦେବୀ ଓ ଆତ୍ମାମାନଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ସଉରାମାନେ କାନ୍ଥରେ ନାନାପ୍ରକାର ଚିତ୍ର କରିଥାନ୍ତି । ଏହାକୁ "ଇଡ଼ିତାଲ" କୁହାଯାଏ । ସଉରାକାନ୍ଥ ଚିତ୍ରର







ପ୍ରସିଦ୍ଧି ରହିଛି । ସେମାନେ କାନ୍ଥରେ ବିଭିନ୍ନ ଦେବତାଙ୍କ ପ୍ରତିକୃତି ଆଙ୍କିଥାନ୍ତି । ଅଙ୍କିତ ଚିତ୍ର ମଧ୍ୟରେ ମଣିଷ, ଉଡାଜାହାଜ, ସାଇକେଲ, ଗଛଲତା, ପଶୁପକ୍ଷୀ, ପାହାଡ଼, ପର୍ବତ, ସୂର୍ଯ୍ୟ, ଚନ୍ଦ୍ର ଆଦିକୁ ବୁଝିବା ବଡ଼ ଜଟିଳ ମନେହୁଏ ।

ଘର କାନ୍ଥରେ ଦେବବିଗ୍ରହର ଚିତ୍ର ଆଙ୍କିବା ଅନ୍ତରାଳରେ ସେମାନଙ୍କୁ ସନ୍ତୁଷ୍ଟ କରିବାର ଉଦ୍ଦେଶ୍ୟ ନିହିତ ଥାଏ । ଏହାଦ୍ୱାରା ପୂର୍ବପୁରୁଷଙ୍କୁ ମଧ୍ୟ ସନ୍ତୁଷ୍ଟ କରାଯାଏ । ପରିବାରର ସଦସ୍ୟମାନଙ୍କ ଉପରେ କାହାର ବିରାଗ ଅଥବା ଈର୍ଷାମୂଳ ନଜର ପଡ଼େନାହିଁ । କାଳକ୍ରମେ ଗୋଟିଏ ଚିତ୍ରକୁ ଆଉଥରେ ରଙ୍ଗ ଦିଆଯାଏ ଅଥବା ଗୋଟିଏ ଚିତ୍ର ସ୍ଥାନରେ ଆଉ ଏକ ନୂତନ ଚିତ୍ର ଅଙ୍କନ କରାଯାଏ । ଦେବତା ଅଥବା ପୂର୍ବ ପୁରୁଷଙ୍କ ନଜର ବା ପରିସ୍ଥିତିକୁ ଆଖି ଆଗରେ ରଖି ଏପରି କରାଯାଇଥାଏ । ସଉରା ମାନଙ୍କର ଏହି ସୁନ୍ଦର କାନ୍ଥଚିତ୍ର ସେମାନଙ୍କ ଏକକ ଓ ଅନନ୍ୟ ସାଧାରଣ କଳା ପ୍ରତିଭା ଓ କୌଶଳକୁ ପ୍ରଦର୍ଶନ କରେ । କାନ୍ଥ ଚିତ୍ରକଳା ଜାଣିଥିବା ବ୍ୟକ୍ତି ଅଥବା ସମନ ଏହି ସୁନ୍ଦର ଚିତ୍ର ଅଙ୍କନ କରିଥାଏ ।



ଅଦୃଷ୍ଟକୁ ଶାନ୍ତି ଦେବାପାଇଁ ସଉରାମାନେ କେତେକ ପର୍ବପର୍ବାଣି ଉତ୍ସବ ଓ ଧର୍ମାନୁଷ୍ଠାନ କରିଥାନ୍ତି । ଜନ୍ମ, ବିବାହ, ମୃତ୍ୟୁ ଆଦି ଉତ୍ସବ ପାରିବାରିକ ସ୍ତରରେ କରାଯାଏ । କେତେକ କୃଷିଭିତ୍ତିକ ପର୍ବକୁ ଗୋଷ୍ଠୀସଦସ୍ୟମାନେ ଏକାଠି ପାଳନ କରନ୍ତି । ସେହିପରି ଦୁଇ ବା ତିନି ବର୍ଷରେ ପାଳନ କରାଯାଉଥିବା ଗୁଆର ପର୍ବକୁ ଏକ ଗୋଷ୍ଠୀପର୍ବ ଭାବରେ ପାଳନ କରାଯାଏ । ଏହି ପର୍ବରେ ଗୋଷ୍ଠୀ ସଦସ୍ୟମାନେ ଏକାଠି ହୋଇ ମୃତ ଲୋକର ସ୍ମରଣାର୍ଥେ ଏକ ପଥର ପୋତିଥାନ୍ତି । ଗୁଆର ଏକ ଖର୍ଚ୍ଚ ବହୁଳ ପର୍ବ । ଏହି ପର୍ବରେ ମଇଁଷି ବଳି ଦିଆଯାଏ । ବନ୍ଧୁବାନ୍ଧବ ଓ ଗ୍ରାମବାସୀ, ଏକତ୍ରିତ ହୋଇ ନୃତ୍ୟ, ସଙ୍ଗୀତ, ମଦ୍ୟପାନ ଓ ଭୋଜିଭାତ ଭିତରେ ଆମୋଦପ୍ରମୋଦର ମଜା ଉଠାନ୍ତି । ଆଉ ଜଣେ ଧାର୍ମିକ ମୁଖ୍ୟ 'ବୁୟା' କୃଷିଭିତ୍ତିକ ପର୍ବର ପ୍ରତିନିଧିତ୍ୱ କରନ୍ତି । ଏହା ମଧ୍ୟ ଏକ ଗୋଷ୍ଠୀପର୍ବ ।



ସଉରାମାନେ ପାଳନ କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପର୍ବ

୧. ବୁର୍ୟନ୍ -ଆ-ଆଦୁର୍ - ଶସ୍ୟଭିତ୍ତିକ ପର୍ବ
୨. ଗାନୁଗେନ୍-ଆ-ଆଦୁର୍ - କନ୍ଦମୂଳଭିତ୍ତିକ ପର୍ବ
୩. କଣ୍ଡାମ୍ନ୍ - ଆ-ଆଦୁର୍ -ବଣରେ ଉତ୍ପାଦିତ ହେଉଥିବା ଏକ ଶସ୍ୟଭିତ୍ତିକ ପର୍ବ
୪. କୁରଜ୍ନ୍ - ଆ-ଆଦୁର୍ - ବିରିଭିତ୍ତିକ ପର୍ବ
୫. ଅସାନ୍ -ଆ-ଆଦୁର୍ - ସୁଆଁଭିତ୍ତିକ ପର୍ବ
୬. ରାଗନ୍ - ଆ-ଆଦୁର୍ - ବରଗୁଡ଼ିଭିତ୍ତିକ ପର୍ବ
୭. ଟାଙ୍କୁନ୍ - ଆ-ଆଦୁର୍ - ଆମ୍ବଭିତ୍ତିକ ପର୍ବ
୮. ଉଡାନ୍ - ଆ-ଆଦୁର୍ - ଆମ୍ବପାଚିବାଭିତ୍ତିକ ପର୍ବ

# ସୌନ୍ଦର୍ଯ୍ୟବୋଧ



ଲାଞ୍ଜିଆ ସଉରାମାନେ ଭାରି କଳାପ୍ରିୟ । ପ୍ରକୃତିର ସନ୍ତାନ ହିସାବରେ ପ୍ରକୃତି ଓ ପ୍ରାକୃତିକ ପରିବେଶରୁ ସେମାନେ କଳା ସୃଷ୍ଟିପାଇଁ ଉତ୍ସାହ ଓ ଉପାଦାନ ପାଇଥାନ୍ତି । ସେମାନଙ୍କ କଳାତ୍ମକ ଦକ୍ଷତା ଓ କୌଶଳ ପ୍ରଶଂସନୀୟ । ବାଦ୍ୟ ଓ ନୃତ୍ୟ ମନକୁ ସମ୍ମୋହିତ କରେ । ସଉରା କାନ୍ଥଚିତ୍ର ଭିତରେ ପ୍ରତିଫଳିତ ହୁଏ ନିଖୁଣ ନୈପୁଣ୍ୟ ।


ପ୍ରତ୍ୟେକ ସଉରା ଜଣେ ସଂଗୀତକାର । ତତ୍କାଳ ସଙ୍ଗୀତ ସଂଯୋଜନା କରି ଗାଇବାରେ ସେ ପାରଙ୍ଗମ । ନୃତ୍ୟକଳା ଓ ସଙ୍ଗୀତ କଳା ଉଭୟ ପୁରୁଷ ଓ ମହିଳାମାନଙ୍କର ସହଜାତ ଗୁଣ । ସୁନ୍ଦର ଶବ୍ଦ ସଂଯୋଜନା ମାଧ୍ୟମରେ ଜଣେ ସେମାନଙ୍କ ସଙ୍ଗୀତରେ ଏକାଥରକେ ସାଙ୍ଗୀତିକତା, ପ୍ରେମ ପ୍ରବଣତା ଓ ଆନନ୍ଦ ଅବବୋଧକୁ ଅନୁଭବ କରି ଉଲ୍ଲସିତ ହୋଇଉଠେ ।








ଲାଞ୍ଜିଆ ସଉରାମାନଙ୍କ ନୃତ୍ୟରେ, ତାଳ ଓ ସ୍ବରର ଅପୂର୍ବ ଛଟା ବିନ୍ୟାସ ହୋଇଥାଏ । ଏହା ସବୁଜ ବଣ ପାହାଡ଼ର ପ୍ରାକୃତିକ ପରିବେଷ୍ଟନୀକୁ ପ୍ରତିଧ୍ୱନିତ କରେ ।



ସଉରା ପୁରୁଷ ଓ ମହିଳାମାନେ ସମବେତ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟକାରୀ, ବାଦ୍ୟକାର, ବଂଶୀବାଦକ, କେନ୍ଦରାବାଦକ, ମହୁରିଆ, ଘଣ୍ଟବାଦକ,ଢାପ ବାଦକ, ଗିନି ବାଦକ ଓ ଡ୍ରମ୍ ବଜାଳୀମାନେ ବାଦ୍ୟ ଓ ତାଳର ଯଥାଯଥ ଛନ୍ଦ ପତନ ସହ ପରସ୍ପର ଆଡକୁ ଆଗେଇ ଯାଇ ନୃତ୍ୟ ରଚନାର ଦୃଶ୍ୟ ଅତ୍ୟନ୍ତ ମନୋରମ ମନେହୁଏ ।





ସେମାନଙ୍କର ନୃତ୍ୟ କାଳୀନ ସାଜସଜ୍ଜା ଓ ପରିଧାନ ସାମଗ୍ରୀ ସବୁ ବର୍ଣ୍ଣିଳ ହୋଇଥାଏ । ପୁରୁଷ ଓ ମହିଳାମାନେ ରଙ୍ଗୀନ୍ ପୋଷାକ ପତ୍ର ପିନ୍ଧି ମୁଣ୍ଡରେ ଧଳା କୁକୁଡା ପର ଖୋଷିବା ସହିତ ସମ୍ମାନର ଚିହ୍ନ ସ୍ୱରୂପ ହାତରେ ମୟୂର ଶିଖା ଧାରଣ କରିଥାନ୍ତି । ପୁରୁଷମାନେ ମୁଣ୍ଡରେ ସୂତା ବା ସିଲ୍କ ନିର୍ମିତ ରଙ୍ଗୀନ୍ ଟୋପି ପିନ୍ଧି ଛାତି ଚାରିପଟେ ଲମ୍ବ ନାଲି କପଡ଼ା ଗୁଡ଼େଇଥାନ୍ତି । ସେମାନେ ନୃତ୍ୟରତ ଥିବା ସମୟରେ ହାତରେ ବାଡି, ଛତା, ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଧରିଥାନ୍ତି । ହୁଇସିଲ୍ ବଜାଇବା ସହିତ କଉତୁକିଆ ଶବ୍ଦ କରନ୍ତି ।




















ବିବାହ ଉତ୍ସବରେ ବେହେଲା ବା ସାରଙ୍ଗି ବାଦ୍ୟ ଭାରି ଲୋକପ୍ରିୟ ହୋଇଥାଏ । ଖଣ୍ଡେ ବାଉଁଶ କାଣ୍ଡରେ ଦୁଇଟି ତାର ସଂଯୁକ୍ତ କରାଯାଇ ଏକ ପ୍ରକାର ସାରଙ୍ଗି (କେନ୍ଦରା) ବାଦ୍ୟ ତିଆରି କରାଯାଇଥାଏ । ଯେଉଁଥିରେ କି ପ୍ରତିଧ୍ୱନିକାରକ ନଡ଼ିଆର ଅଧାସଢ଼େଇଟିଏ ମଧ୍ୟ ଯୋଡା ହୋଇଥାଏ । ଏ ସାରଙ୍ଗିରେ ଯୋଡା ଯାଇଥିବା ଦୁଇଟି ତାର ଧନୁ ଆକୃତିର ଅନ୍ୟ ଏକ ବାଙ୍କୁଲାରେ ଏପଟରୁ ସେପଟକୁ ଘଷିବା ଦ୍ୱାରା ସୁନ୍ଦର ଶବ୍ଦ ପ୍ରତିଧ୍ୱନିତ ହୁଏ । ଗିଟାର ପରି ଆଉ ଏକ ପ୍ରକାର ଦୁଇତାର ସଂଯୁକ୍ତ ବାଉଁଶ କାଣ୍ଡର ବାଦ୍ୟ ଥାଏ । ଯେଉଁଥିରେ ପ୍ରତିଧ୍ୱନୀ ସୃଷ୍ଟିକାରି ଦୁଇଟି ଲାଉତୁମ୍ବା ଲାଗିଥାଏ ।

ବିବାହ ଉତ୍ସବରେ ତୃତୀୟ ଲୋକପ୍ରିୟ ବାଦ୍ୟ ହେଉଛି ରାସ୍‌ପ । ଏହା ଖଣ୍ଡେ ବାଉଁଶର କିଛି ଅଂଶରେ ତିଆରି ହୋଇଥାଏ । ଗୋଲାକାର ବାଉଁଶ ଖଣ୍ଡିଟିର ମଝି ଅଂଶ ଲମ୍ବ ଭାବରେ ଚିରା ଯାଇଥାଏ । ମଝି ଅଂଶକୁ ଖଣ୍ଡେ କାଠିରେ ଆଘାତ କଲେ ତାହା ତରଙ୍ଗାୟିତ ହୁଏ । ତାହାକୁ ଘଷିବା ଫଳରେ ସେଥିରୁ ଏକପ୍ରକାର କର୍କଶ ଶବ୍ଦ ନିସୃତ ହୁଏ ।











# ସାମାଜିକ ନିୟନ୍ତ୍ରଣ

ପାରମ୍ପରିକ ଭାବରେ ଲାଞ୍ଜିଆ ସଉରା ଗାଁ ଗୁଡ଼ିକ ସ୍ୱୟଂଶାସିତ । ଗ୍ରାମ ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗ୍ରାମର ଏକତା ଓ ଗାଁରେ ଆଇନ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ଗ୍ରାମପଞ୍ଚାୟତର କାର୍ଯ୍ୟ । ପ୍ରତି ସଉରା ଗାଁର ଗ୍ରାମବାସୀ ଦୁଇଜଣ ବୟୋଜ୍ୟେଷ୍ଠ ମୁଖିଆଙ୍କ ଶାସନରେ ଚଳନ୍ତି । ସାମାଜିକ ସ୍ତରରେ ଗାଁ ମୁଖିଆଙ୍କୁ, ଗମାଙ୍ଗ କୁହାଯାଏ । ସେହିପରି ଗାଁର ଧାର୍ମିକ ମୁଖ୍ୟଙ୍କୁ "ବୁୟା" କହନ୍ତି । ଗମାଙ୍ଗ ଓ ବୁୟା ପଦବୀ ଦୁଇଟି ବଂଶାନୁକ୍ରମିକ ହୋଇଥାଏ । ଗୋଟିଏ ପରିବାରର ଦୁଇଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଗମାଙ୍ଗ ଓ ବୁୟା ପଦରେ କାର୍ଯ୍ୟ ପରିଚାଳନା କରନ୍ତି । ଗାଁର ଜ୍ୟୋତିଷଙ୍କୁ ଦିଶାରୀ କୁହାଯାଏ । ଏହି ପଦବଟି ବଂଶାନୁକ୍ରମିକ ନୁହେଁ । ତାରାମାନଙ୍କ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିବା ଓ ଭବିଷ୍ୟତରେ କ'ଣ ହେବାକୁ ଯାଉଛି ତା'ର ପୂର୍ବାନୁମାନ କରିବାରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିକୁ ଦିଶାରୀ କୁହନ୍ତି ।



ଗ୍ରାମସଭାରେ ଗୋଷ୍ଠୀ ସଦସ୍ୟମାନେ ଆଲୋଚନା କରି ନିର୍ବିବାଦରେ ଓ ସର୍ବସମ୍ମତି କ୍ରମେ ପର୍ବପର୍ବାଣି ପାଳନ ଦିନାଙ୍କ ଠିକ୍ କରନ୍ତି । ସଂପତି ଭାଗବଣ୍ଟାକୁ କେନ୍ଦ୍ରକରି ଉପୁଜିଥିବା ବିବାଦ, ଜମି ବିକ୍ରି ଅଥବା ବନ୍ଧକ ଦେବା, ବିବାହ, କନ୍ୟାମୂଲ, ଛାଡପତ୍ର, ଅବୈଧ ସଂପର୍କ ଓଅନ୍ୟାନ୍ୟ ସାମାଜିକ କାର୍ଯ୍ୟକଳାପ ସଂପର୍କରେ ସାମାଜିକ ପ୍ରଥା ଓ ନିୟମ ଅନୁଯାୟୀ ବିଚାର ଆଲୋଚନାହୁଏ । ଏହି ସଭାରେ ଗମାଙ୍ଗ ସଭାପତିତ୍ୱ କରନ୍ତି । ସେ ଗ୍ରାମସଭାରେ ଉପସ୍ଥିତ ଅନ୍ୟ ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କ ସହିତ ପରାମର୍ଶ କରି ଘଟଣାର ଯଥାଯଥ ବିଚାର ପୂର୍ବକ ନିଜର ନିଷ୍ପତ୍ତି ଦିଅନ୍ତି । ସାଧାରଣ ଭାବରେ ଦୋଷୀକୁ ଦଣ୍ଡସ୍ୱରୂପ ମଦମାଠିଆ ଓ ଗ୍ରାମବାସୀଙ୍କୁ ଭୋଜି ଦେବାକୁ ହୋଇଥାଏ । ଦୋଷର ଗୁରୁତ୍ୱକୁ ବିଚାର କରି ଜୋରିମାନାର ପରିମାଣ ସ୍ଥିର କରାଯାଏ ।



# ପରିବର୍ତ୍ତିତ ଦୃଶ୍ୟପଟ






ଦୂର ଅତୀତରୁ ଅଦ୍ୟାବଧି ଲାଞ୍ଜିଆ ସଉରାମାନେ ସେମାନଙ୍କ ପାହାଡିଆ ବସତି ଅଂଚଳରେ ଶାନ୍ତି ଶୃଙ୍ଖଳାର ସହ ବସବାସ କରିଆସୁଛନ୍ତି। ଖ୍ରୀଷ୍ଟଧର୍ମର ପ୍ରଭାବ ସହିତ ଧର୍ମାନ୍ତରଣ ସେମାନଙ୍କ ସାମାଜିକ ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଜୀବନଯାପନ ଶୈଳୀକୁ ପ୍ରଭାବିତ କରିଛି ।

ସ୍ୱାଧୀନତା ପରେ ସରକାର ସଉରାମାନଙ୍କର ଉନ୍ନତି ନିମନ୍ତେ ବହୁ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପଞ୍ଚମ ଯୋଜନା କାଳରେ(ଟ୍ରାଇବାଲ ସବ୍‌ପ୍ଲାନ) ପ୍ରଣୀତ ହୋଇଛି । ଓଡ଼ିଶାରେ ବାସ କରୁଥିବା ୧୩ ପ୍ରକାରର ଆଦିମ ଜନଜାତିଙ୍କ ମଧ୍ୟରେ ଲାଞ୍ଜିଆ ସଉରା ଅନ୍ୟତମ "ଆଦିମ ଜନଜାତି" ବୋଲି ଚିହ୍ନିତ କରାଯାଇଛି । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ରାୟଗଡ଼ା ଜିଲ୍ଲାର ପୁଟାସିଂ ଓ ଗଜପତି ଜିଲ୍ଲାର ସେରଙ୍ଗଠାରେ ଦୁଇଟି ଅଣୁ ପ୍ରକଳ୍ପ (Micro Project) କାର୍ଯ୍ୟ କରୁଛି । ନିର୍ଦ୍ଦିଷ୍ଟ ଅଂଚଳରେ ବସବାସ କରୁଥିବା ଆଦିମ ଲାଞ୍ଜିଆ ସଉରା ଗୋଷ୍ଠୀର ବିକାଶ ପ୍ରତି ଧ୍ୟାନ ଦେଇ ବିବିଧ ଉନ୍ନୟନ ମୂଳକ କାର୍ଯ୍ୟଧାରା ଜାରିରହିଛି ।

ଲାଞ୍ଜିଆ ସଉରା ମାନଙ୍କ ଜୀବନ ଜୀବିକା ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣି ସେମାନଙ୍କୁ ପ୍ରାଚୀନ ସ୍ତରରୁ କ୍ରମଶଃ ଆଧୁନିକତା ଆଡ଼କୁ ଆଣିବା ସରକାରଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୋଡୁ ଚାଷ ବଦଳରେ ଆଧୁନିକ କୃଷି ପଦ୍ଧତିକୁ ସେମାନେ ନିଜର କରିସାରିଲେଣି । ସେମାନଙ୍କ ଜୀବନନଶୈଳୀରେ କ୍ରମବିକାଶ ଘଟିଛି । ଏବେ ସେମାନଙ୍କ ଗାଁର ପରିବେଶ ଓ ସେମାନଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କଲେ ପରିବର୍ତ୍ତନର ପ୍ରଭାବ ସ୍ପଷ୍ଟ ଜଣାପଡ଼ିଯାଉଛି ।









# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୂହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୂହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

**ବିଶ୍ୱର କୁମାର ନାୟକ**

ସଦସ୍ୟ ସଚିବ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି